# ଫୁଲ ଝାଡୁ ଉତ୍ପାଦନ ଶିଳ୍ପ



ଲଘୁ ବନଜାତ ଦ୍ରବ୍ୟମାନଙ୍କ ମଧ୍ୟରେ ଫୁଲଝାଡୁ ଅନ୍ୟତମ । ବନବାସୀମାନେ ବର୍ଷକୁ ୨-୩ ମାସ ଧରି ଏହି ଝାଡୁ ସଂଗ୍ରହ କରିଥାନ୍ତି ଓ କମ୍ ଦରରେ ନିଜ ଗାଁର କୁଟିଆ ତଥା ମହାଜନଙ୍କୁ ବିକ୍ରୀ କରିଥାନ୍ତି । ଓଡ଼ିଶାର ଫୁଲବାଣୀ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ତଥା ବଲାଙ୍ଗୀର ଜିଲ୍ଲାର କିଛି ଅଞ୍ଚଳରେ ପ୍ରଚୁର ପରିମାଣରେ ଫୁଲଝାଡୁ ମିଳିଥାଏ । ସଂଗ୍ରହକାରୀମାନେ ଯଦି ସାଧାରଣଭାବେ ବିକ୍ରି ନକରି ତାକୁ ଝାଡୁ ତିଆରି କରି ବିକ୍ରି କରନ୍ତି, ତେବେ ଦୁଇ ଗୁଣ ଅଧିକ ଦାମ୍ ମିଳିପାରିବ । ବିଶେଷକରି ସ୍ଥାନୀୟ ଶିକ୍ଷିତ ବେରୋଜଗାରୀ ଯୁବକ, ମହିଳାସମିତି ତଥା ସଂଚୟ ସମିତିର ସଭ୍ୟାବୃନ୍ଦ, ସମବାୟ ସମିତି ଏହି କାର୍ଯ୍ୟ ଆଞ୍ଚଳିକ ସ୍ତରରେ ଆରମ୍ଭ କଲେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟଙ୍କୁ ମଧ୍ୟ ରୋଜଗାର କ୍ଷମ କରିବା ପାଇଁ ସୁଯୋଗ ସୃଷ୍ଟି କରିପାରିବେ ।

ଏହି ଶିଳ୍ପ ଉଦ୍ୟୋଗୀ ନିଜ ଘରେ କିମ୍ବା ଭଡାସୂତ୍ରରେ ୫୦୦ ବର୍ଗ ଫୁଟ ଘର ନେଇ କାର୍ଯ୍ୟ ଆରମ୍ଭ କରିପାରିବେ ।

## କଞ୍ଚାମାଲ

ଫୁଲ ଝାଡୁ ତିଆରି ପାଇଁ ଝାଡୁକାଠି ଫୁଲବାଣୀ, ବୌଦ୍ଧ, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହଣ୍ଡି ତଥା ବଲାଙ୍ଗୀର ଜିଲ୍ଲାର କିଛି ଜାଗାରୁ ପ୍ରଚୁର ପରିମାଣରେ ମିଳିଥାଏ । ତା ଛଡା ଝାଡୁ ବାନ୍ଧିବା ପାଇଁ ପ୍ଲାଷ୍ଟିକ୍ ଖୋଳ ଅର୍ଡର ମୁତାବକ ନିକଟସ୍ଥ ବଜାରରେ ସୁଲଭ ଦରରେ ମିଳିଥାଏ ।

## ଉତ୍ପାଦନ ପଦ୍ଧତି

ପ୍ରଥମେ ସଂଗ୍ରହ କରାଯାଇଥିବା ଫୁଲଝାଡୁର ଗଛଗୁଡ଼ିକୁ ଭଲ ଭାବରେ ଖରାରେ ଶୁଖା ଯାଇଥାଏ । ସମ୍ପୂର୍ଣ୍ଣ ଶୁଖି ଗଲାପରେ ସେଗୁଡ଼ିକୁ ପରିଷ୍କାର କରାଯାଇଥାଏ । ତା ପରେ ଝାଡୁ ତିଆରି ପାଇଁ ଶୁଖିଲା କାଠିଗୁଡ଼ିକୁ ଓଜନ କରି ରଖାଯାଏ ଏବଂ ପ୍ଲାଷ୍ଟିକ ଖୋଳ ମଧ୍ୟରେ କାଠିର ନିମ୍ନଭାଗକୁ ପ୍ରବେଶ କରାଯାଇଥାଏ । ଝାଡୁ ତିଆରି ସରିବା ପରେ କମ୍ପାନୀର ନାମ ଲେଖାଥିବା ଗୋଟିଏ ଜରିଖୋଳ ମଧ୍ୟରେ ଏହାକୁ ଭରି ଦିଆଯାଇଥାଏ । ତାହା ଦ୍ୱାରା ଏହାର ବିକ୍ରିମୂଲ୍ୟ ଅଧିକ ହୋଇଥାଏ ।

## ଯନ୍ତ୍ରପାତି

ଏହି ଫୁଲଝାଡୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ କୌଣସି ବଡ଼ ମେସିନର ଆବଶ୍ୟକତା ନାହିଁ । କେବଳ କେତେକ ହାତ ବ୍ୟବହୃତ ଯନ୍ତ୍ର ତଥା ବଡ଼ କଟର , ବଡ଼ କତୁରୀ, କ୍ଲାମ୍ପ ଓ ଓଜନ ମେସିନ୍‌ର ଆବଶ୍ୟକତା ରହିଛି ।

## କାର୍ଯ୍ୟ ଦିବସ

ଏହି ଶିଳ୍ପ ବର୍ଷକୁ ହାରାହାରି ୨୦୦ ଦିନ କାର୍ଯ୍ୟକ୍ଷମ ହୋଇଥାଏ । କାରଣ ବର୍ଷସାରା କଞ୍ଚାମାଲ ମିଳିବା ସମ୍ଭବ ହୁଏ ନାହିଁ ।

## ବିକ୍ରି

୧. 'ଫୁଲ ଝାଡୁ' ଚାହିଦା ଆଜି ପ୍ରତ୍ୟେକ ଘରେ ଦେଖିବାକୁ ମିଳୁଛି । ଏହି ଝାଡୁ ନିକଟସ୍ଥ ଖୁଚୁରା ଦୋକାନୀ, ତଥା ଟି.ଡ଼ି.ସି.ସି. ଭଳି ଅର୍ଦ୍ଧ ସରକାରୀ ସଂସ୍ଥାକୁ ବିକ୍ରି କରାଯାଇଥାଏ ।

୨. 'ଫୁଲଝାଡୁ' ବର୍ଷସାରା ବିଭିନ୍ନ ସହରରେ ଆୟୋଜିତ ମେଳା ମାନଙ୍କରେ ବିକ୍ରି କରାଯାଇଥାଏ । ଏହି ମେଳାଗୁଡ଼ିକ ସାଧାରଣତଃ କାପାର୍ଟ, ଓରମାସ୍, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥା ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଆୟୋଜକ କରାଯାଇଥାଏ ।

## ବିଜୁଳି ଶକ୍ତି

ଫୁଲଝାଡୁ ୟୁନିଟ୍ ଚଳାଇବା ପାଇଁ ବିଜୁଳି ଶକ୍ତିର ଆବଶ୍ୟକତା ନାହିଁ । କିନ୍ତୁ ବଡ଼ ୟୁନିଟ୍‌ରେ ଝାଡୁ କାଟିବା ପାଇଁ ବିଜୁଳି ଦ୍ୱାରା ଚାଳିତ କଟର ବ୍ୟବହାର କରାଯାଇପାରେ ।

## ପୁଞ୍ଜି ବିନିଯୋଗ

ଗୋଟିଏ ୟୁନିଟ୍ ସ୍ଥାପନ କରିବା ପାଇଁ ଉଦ୍ୟୋଗୀମାନଙ୍କୁ ଅତି କମ୍‌ରେ ୧୦,୦୦୦ରୁ ଆରମ୍ଭ କରି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ କରିବାକୁ ପଡ଼ିଥାଏ । ଉଦ୍ୟୋଗୀ ନିଜ ତରଫରୁ ପୁଞ୍ଜି ଲଗାଇ ପାରିଲେ ବହୁତ ଭଲ । ନଚେତ୍ ନିମ୍ନ ଲିଖିତ ସଂସ୍ଥାସହ ପରାମର୍ଶ କରି ଉଦ୍ୟୋଗ ନିମନ୍ତେ ଆର୍ଥିକ ସହାୟତା ଋଣ ଆକାରରେ ଆଣିପାରିବେ ।

- ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ, ତଥା ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ
- ଭାରତ ସରକାରଙ୍କ ଖଦୀ କମିଶନ, କଳ୍ପନାଛକ, ଭୁବନେଶ୍ୱର - ୭୫୧୦୧୪
- ଆଦିବାସୀ ହରିଜନ ଉନ୍ନୟନ ଅର୍ଥ ନିଗମ, ବିଜେବି ନଗର, ଭୁବନେଶ୍ୱର - ୧୪ କିମ୍ବା ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ପରିଚାଳକ କିମ୍ବା ବ୍ଲକର ଶିଳ୍ପ ଉନ୍ନୟନ ଅଧିକାରୀ
- ନିକଟସ୍ଥ ଜାତୀୟକରଣ ବ୍ୟାଙ୍କର ଶାଖା ପରିଚାଳକ
- ନିକଟସ୍ଥ ରାଜ୍ୟ ଅର୍ଥ ନିଗମର ଶାଖା କାର୍ଯ୍ୟାଳୟ

## ଲାଭାଂଶ

ଏହି ଶିଳ୍ପରେ ଶତକଡା ୩୦ରୁ ୩୫ ଭାଗ ଲାଭ ହେବାର ସମ୍ଭାବନା ରହିଛି ।

ଗୋଟିଏ କ୍ଷୁଦ୍ର ''ଫୁଲ ଝାଡୁ'' ଉଦ୍ୟୋଗର ଲାଭକ୍ଷତି ହିସାବ :

**୧. ଶିଳ୍ପ ବସାଇବାର ସ୍ଥାନ :** ନିଜ ଘର କିମ୍ବା ଭଡା ସୂତ୍ରରେ ୫୦୦ ବର୍ଗ ଫୁଟ ଗୃହ ନିଆଯାଇପାରେ, ଯାହାର ମାସିକ ଭଡା ଟ. ୫୦୦ ଟଙ୍କା ରୁ ଉର୍ଦ୍ଧ୍ୱ ନୁହେଁ ।

**୨. କଳକବ୍‌ଜା ଯନ୍ତ୍ରପାତି**

| | |
|---|---|
| କଟର୍, କତୁରୀ, କ୍ଲାମ୍ପ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ ୧୦ ସେଟ୍ | ୨୦୦୦ |

**୩. କଞ୍ଚାମାଲ (ମାସିକ)**

| | |
|---|---|
| ଫୁଲଝାଡୁ ୧୦ କ୍ୱିଣ୍ଟାଲ (୧୦୦୦/ପ୍ରତି କ୍ୱିଣ୍ଟାଲଭଡାସହ) | ୧୦,୦୦୦ |
| ପ୍ଲାଷ୍ଟିକ ବାକ୍ସ/ଖୋଳ ୫ କି.ଗ୍ରା | ୨୦୦ |
| ପ୍ୟାକିଙ୍ଗ୍ ତଥା ଅନ୍ୟାନ୍ୟ ସାମଗ୍ରୀ | ୩୦୦ |

**୪. ଦରମା**

| | |
|---|---|
| ପରିଚାଳକ ୧ ଜଣ (ଉଦ୍ୟୋଗୀ ନିଜେ) | |
| କୁଶଳୀ ଶ୍ରମିକ ୨ ଜଣ | ୪୦୦୦ |
| ଅଣକୁଶଳୀ ଶ୍ରମିକ (୫ ଜଣ) | ୩୦୦୦ |
| ମୋଟ | ୭୦୦୦ |



**୫. ଅନ୍ୟାନ୍ୟ ଖର୍ଚ୍ଚ**

| | |
|---|---|
| ଯନ୍ତ୍ରପାତି ମରାମତି/ରକ୍ଷଣାବେକ୍ଷଣ | ୧୦୦ |
| ଯାତାୟତ | ୫୦୦ |
| ପରିଚାଳନା ଖର୍ଚ୍ଚ | ୨୦୦ |
| ବିକ୍ରୀ ଖର୍ଚ୍ଚ (ପ୍ରଚାର ଓ ପ୍ରସାର) | ୭୦୦ |
| ମୋଟ | ୧୬୦୦ |

**୬. ମୋଟ କାର୍ଯ୍ୟକାରୀ ମୂଳଧନ**

| | |
|---|---|
| କଞ୍ଚାମାଲ | ୧୦,୫୦୦ |
| ଦରମା/ମଜୁରୀ | ୭୦୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | ୨୦୦୦ |

**୭. ମୋଟ ପ୍ରକଳ୍ପ ଖର୍ଚ୍ଚ**

| | |
|---|---|
| ଯନ୍ତ୍ରପାତି ଇତ୍ୟାଦି | ୨୦୦୦ |
| କାର୍ଯ୍ୟକାରୀ ମୂଳଧନ | ୧୯,୫୦୦ |
| ମୋଟ | **୨୨,୦୦୦** |

**୮. ବାର୍ଷିକ ଉତ୍ପାଦନ ଖର୍ଚ୍ଚ**

| | |
|---|---|
| ମୋଟ କାର୍ଯ୍ୟକାରୀ ମୂଳଧନ ୧୯,୫୦୦ X ୧୨ | ୨,୩୪,୦୦୦ |
| ବାର୍ଷିକ ଯନ୍ତ୍ରପାତି କ୍ଷତି ୧୫% | ୩୦୦ |
| ବ୍ୟାଙ୍କ ଋଣର ସୁଧ (୧୪%) | ୨୮୦୦ |
| ମୋଟ | **୨,୩୭,୧୦୦** |

**୯. ବାର୍ଷିକ ଲାଭକ୍ଷତି**

ବାର୍ଷିକ ହାରାହାରି ୧୨୦ କ୍ୱିଣ୍ଟାଲ ଫୁଲଝାଡୁ ପ୍ରସ୍ତୁତ କରାଯାଇପାରିବ, ଯେଉଁଥିରୁ ୩୬,୦୦୦ ଗୋଟା ଝାଡୁ ତିଆରି ହେବ ।

ମୋଟ ବିକ୍ରିମୂଲ୍ୟ ୧୦ X ୩୬,୦୦୦ = ୩୬୦,୦୦୦

| | |
|---|---|
| ବାର୍ଷିକ ଲାଭ (ଟ୍ୟାକ୍ସ ଦେବା ପୂର୍ବରୁ) | ୧୨୨,୯୦୦ |
| ଟ୍ୟାକ୍ସ ବାବଦକୁ ଦେୟ (୮%) | ୨୮,୮୦୦ |
| ମୋଟ ଲାଭ | ୯୪,୨୦୦ |
| ମାସିକ ଲାଭ | ୭,୮୫୦ |

**୧୦. ଯନ୍ତ୍ରପାତି ମିଳିବାରସ୍ଥାନ:**

ଯେ କୌଣସି ହାର୍ଡୱାର ଷ୍ଟୋର

ଯଦି ଆପଣ ଏହି ଫୁଲଛଝାଡୁ ଶିଳ୍ପ ବସାଇବାକୁ ଆଗ୍ରହୀ ତେବେ ବିଭିନ୍ନ ବୈଷୟିକ ପରାମର୍ଶ, ବଜାର ତଥ୍ୟ ଇତ୍ୟାଦି ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ :

**କମଳେଶ ମହାନ୍ତି**
ଉଦ୍ୟୋଗ ବିକାଶ
ମାର୍ଫତ : ସଂଯୋଗ
ରୋଡ଼ ନଂ-୨ କଣ୍ଟାବାଞ୍ଜି,
ଜି. ବଲାଙ୍ଗୀର
ଦୂରଭାଷା : ୦୬୬୫୭ - ୨୧୪୪୨
**e-mail : snj_kbj@rediffmail.com**